# ଘରୋଇ ହିଂସାରୁ ମହିଳାଙ୍କ ସୁରକ୍ଷା ଆଇନ୍ ଓ କୁଣ୍ଠିତ ରାଜ୍ୟ ସରକାର

## ଓଡିଶା ସରକାରଙ୍କ ମତିଗତି

ନିକଟ ଅତୀତରେ ଯେଉଁ କେତେକ ପ୍ରଗତିଶୀଳ ଓ ଲୋକାଭିମୁଖୀ ଆଇନ୍ ସଂସଦ ଦ୍ୱାରା ପ୍ରଣୀତ ହୋଇଛି, ତନ୍ମଧ୍ୟରୁ ଘରୋଇ ହିଂସାରୁ ମହିଳାଙ୍କ ସୁରକ୍ଷା ଆଇନ୍ ୨୦୦୫ ଅନ୍ୟତମ । ଏହିସବୁ ଆଇନ୍ କେବଳ ଜାମ୍ମୁ ଓ କାଶ୍ମୀରକୁ ବାଦ୍ ଦେଲେ ଓଡିଶା ସମେତ ସମସ୍ତ ରାଜ୍ୟ ପାଇଁ ପ୍ରଯୁଜ୍ୟ । କିନ୍ତୁ ଏହିସବୁ ଆଇନ୍ର ସୁଫଳ ସାଧାରଣ ଲୋକଙ୍କ ପାଖରେ ପହୁଞ୍ଚାଇବାକୁ ହେଲେ ରାଜ୍ୟ ସରକାରମାନଙ୍କ ଦ୍ୱାରା ଆଇନ୍-ନିର୍ଦ୍ଦେଶିତ ରୀତିରେ ଉପଯୁକ୍ତ ନିୟମାବଳୀ, ଯୋଜନା ଓ ପ୍ରଶାସନିକ ବ୍ୟବସ୍ଥା ଯଥା ସମୟରେ ସ୍ଥାନିତ ହେବା ଜରୁରୀ । କିନ୍ତୁ ମନେ ହୁଏ. ଓଡିଶା ସରକାର ଯେପରି ମୂଳରୁ ବଦ୍ଧପରିକର ଅଛନ୍ତି, ଏହିସବୁ ଆଇନ୍କୁ ଓଡିଶା ମାଟିରେ ଉଧେଇବାର ସୁଯୋଗ ଦିଆଯିବନି । ଏହି ଦୁରଭିସନ୍ଧିକୁ ଚରିତାର୍ଥ କରିବା ପାଇଁ ରାଜ୍ୟ ସରକାର ଦ୍ୱିମୁଖୀ ରଣକୌଶଳ ଅବଲମ୍ବନ କରିଛନ୍ତି । ପ୍ରଥମଟି ହେଲା, ଗୋଟିଏ କେନ୍ଦ୍ରୀୟ ଆଇନ୍ର ଯଥାର୍ଥ କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବା ପାଇଁ ଯେଉଁ ଧରଣର ନିୟମାବଳୀ ବା ଯୋଜନା ପ୍ରଣୟନ ପାଇଁ ରାଜ୍ୟ ସରକାରଙ୍କୁ କ୍ଷମତା ଦିଆଯାଇଛି, ତାକୁ ସଂପୂର୍ଣ୍ଣ ରୂପେ ଅପପ୍ରୟୋଗ କରି ରାଜ୍ୟ ସରକାର ମନମୁଖୀ ଭାବେ ଏପରି ସବୁ ଉପବିଧାନ ପ୍ରସ୍ତୁତ କରୁଛନ୍ତି, ଯାହା ଫଳରେ ନୂତନ ଆଇନ୍ର ସୁଫଳ ଲୋକଙ୍କ ପାଖରେ ପହଞ୍ଚିବା ଦୂରେ ଥାଉ, ଏହା ପ୍ରଶାସକ ଓ ରାଜନେତାଙ୍କ ହାତରେ ଅର୍ଥ ଓ କ୍ଷମତାର ଠୁଳୀକରଣର ନୂତନ ଆୟୁଧରେ ପରିଣତ ହୋଇଯାଉଛି । ଉଦାହରଣ ସ୍ୱରୂପ, ସଂସଦ ପ୍ରଣୀତ ସୂଚନା ଅଧିକାର ଆଇନ୍-୨୦୦୫, କର୍ମନିଯୁକ୍ତି ଗ୍ୟାରେଣ୍ଟି ଆଇନ୍-୨୦୦୫ ଓ ଜଙ୍ଗଲ ଅଧିକାର ଆଇନ୍-୨୦୦୬କୁ ଓଡିଶା ସରକାର ଯେଭଳି ବିକୃତ ଭାବେ କାର୍ଯ୍ୟକାରୀ କରୁଛନ୍ତି । ଦ୍ୱିତୀୟ ରଣକୌଶଳଟି ହେଲା, ଗୋଟିଏ କେନ୍ଦ୍ରୀୟ ଆଇନ୍ ସମ୍ବନ୍ଧରେ ସଂପୂର୍ଣ୍ଣ ନୀରବତା ଅବଲମ୍ବନ କରିବା, ଯଦ୍ୱାରା ସାଧାରଣ ଲୋକେ ଏବିଷୟରେ ମୋଟେ କିଛି ଜାଣି ପାରିବେନି ଓ ସେହି କାରଣରୁ ଆଇନ୍ଟି ଆପେ ଆପେ ଶୀତଳ ଭଣ୍ଡାରକୁ ଚାଲିଯିବ । ଉଦାହରଣ ସ୍ୱରୂପ, ଆମେ ଯେଉଁ ଆଇନ୍ ବିଷୟରେ ଆଲୋଚନା କରିବାକୁ ଯାଉଥାଇଁ - ଘରୋଇ ହିଂସାରୁ ମହିଳାଙ୍କୁ ସୁରକ୍ଷା ଆଇନ୍ ୨୦୦୫ । ସଂସଦ ଦ୍ୱାରା ପ୍ରଣୀତ ଏହି ଆଇନ୍ ଓ ଏଥିପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରସ୍ତୁତ ନିୟମାବଳୀ ୨୬ ଅକ୍ଟୋବର ୨୦୦୬ରୁ ଦେଶସାରା ଲାଗୁ ହୋଇସାରିଥିଲେ ହେଁ, ଓଡିଶା ସରକାର ଏପର୍ଯ୍ୟନ୍ତ ଏବିଷୟରେ ଗଣମାଧ୍ୟମରେ ଗୋଟିଏ ହେଲେ ବିଜ୍ଞାପନ ପ୍ରକାଶ କରିନାହାନ୍ତି, ଅନ୍ୟସବୁ ବିଧିବ୍ୟବସ୍ଥା କାର୍ଯ୍ୟକାରୀ କରିବା ଦୂରର କଥା । ଆହୁରି ଉଦ୍ବେଗର ବିଷୟ, ଯେଉଁ ମହିଳା ଓ ସ୍ୱେଚ୍ଛାସେବୀ ସଂଗଠନମାନେ ମହିଳା ଓ ଶିଶୁ ଅଧିକାରକୁ ନେଇ ସୋଚ୍ଚାର ହୋଇଥାଆନ୍ତି, ସେମାନଙ୍କ ମଧ୍ୟରୁ ମୁଷ୍ଟିମେୟକୁ ବାଦ୍ଦେଲେ ଅନ୍ୟ ସମସ୍ତେ ନାମକୁ ମାତ୍ର କେବଳ କିଛି ପୋଷ୍ଟର୍ ଓ ପ୍ରଚାରପତ୍ର ଛପେଇ ନିଜର କର୍ତ୍ତବ୍ୟକୁ ଓଁ ସ୍ୱାହାଯ କରିଛନ୍ତି । ସୁତରାଂ ଆଇନ୍ ଲାଗୁ ହେବାର ଏକ ବର୍ଷ ଦଶ ମାସ ବିତିଗଲା ପରେ ବି ଓଡିଶାରେ ଯଦି ଏହା ସ୍ଥାଣୁ ହୋଇଯାଇଥାଏ, ତେବେ ସେଥିପାଇଁ ରାଜ୍ୟସରକାରଙ୍କ ସହିତ ଏହି ବେସରକାରୀ ସଂଗଠନମାନେ ମଧ୍ୟ କମ୍ ଦାୟୀ ନୁହଁନ୍ତି ।

## ପ୍ରଚଳିତ ଆଇନ୍ର ସୀମାବଦ୍ଧତା

ଘରୋଇ ହିଂସାରୁ ମହିଳାଙ୍କ ସୁରକ୍ଷା ଆଇନ୍ ଏଭଳି ଏକ ଆଇନ୍, ଯାହାକୁ ଐତିହାସିକ ଓ ଯୁଗାନ୍ତକାରୀ ଆଖ୍ୟା ଦିଆଯାଇପାରିବ; କାରଣ ପ୍ରତି ଶ୍ରେଣୀର ମହିଳାଙ୍କ ବିରୁଦ୍ଧରେ ଘଟୁଥିବା ଯାବତୀୟ ଧରଣର ଘରୋଇ ହିଂସାର ସାମଗ୍ରୀକ ଓ ସମୟବଦ୍ଧ ପ୍ରତିକାର ଏହାଦ୍ୱାରା ସୁନିଶ୍ଚିତ ହୋଇପାରିବ । ଘରୋଇ ହିଂସା ସମ୍ବନ୍ଧରେ ବର୍ତ୍ତମାନ ପ୍ରଚଳିତ ଥିବା ଏକପାଖିଆ ବିଧିବିଧାନଗୁଡିକର ଅପବ୍ୟବହାରକୁ ଏଡାଇ ହେବ ତଥା ନିର୍ଯ୍ୟାତିତା ମହିଳାକୁ ସୁହାଇଲା ଭଳି ଆପୋଷ ବୁଝାମଣା ଜରିଆରେ ମାମଲା ଗୁଡିକର ଫଇସଲା କରାଯାଇ ପାରିବ । ଏଠାରେ ଉଲ୍ଲେଖନୀୟ ଯେ, ଇଂରେଜମାନଙ୍କ ଦ୍ୱାରା ପ୍ରଣୀତ ଭାରତୀୟ ଦଣ୍ଡ ସଂହିତା, ୧୮୬୦ର ମୂଳ ଟୀକାରେ ମହିଳାମାନଙ୍କ ପ୍ରତି ଅନ୍ୟାନ୍ୟ ବହୁ ଅପରାଧ ସମ୍ବନ୍ଧରେ ବିଶଦ୍ ପ୍ରାବ୍ଧାନମାନ ସ୍ଥାନିତ ହୋଇଥିଲେ ହେଁ ଘରୋଇ ହିଂସାର ପ୍ରତିକାର ପାଇଁ କୌଣସି ପ୍ରାବ୍ଧାନ ସ୍ଥାନିତ ହୋଇନଥିଲା । ପ୍ରଥମେ ୧୯୮୩ରେ ସଂସଦରେ ଗୃହୀତ ଏକ ସଂଶୋଧନ ଫଳରେ ଉକ୍ତ ସଂହିତାରେ ଏକ ନୂଆ ଦଫା, ୪୯୮-ଏ ଯୋଡାଗଲା ଓ ଏଥରେ କୁହାଗଲା ଯେ, ଜଣେ ବିବାହିତା ମହିଳା ଉପରେ ଯଦି ତାଙ୍କର ସ୍ୱାମୀ ବା ସ୍ୱାମୀଙ୍କ ସଂପର୍କୀୟଙ୍କ ଦ୍ୱାରା ଅର୍ଥ ବା ସମ୍ପତ୍ତି ହାସଲ କରିବା ଉଦ୍ଦେଶ୍ୟରୁ ଅଥବା ଅନ୍ୟ କୌଣସି କାରଣରୁ କ୍ରୁରତା ଆଚରଣ କରାଯାଉଥାଏ, ତେବେ ତାହା ଏକ ଧର୍ତ୍ତବ୍ୟ ଓ ଜାମିନ୍ବିହୀନ ଅପରାଧ ବୋଲି ବିବେଚିତ ହେବ ଏବଂ ଦୋଷୀ ସାବ୍ୟସ୍ତ ବ୍ୟକ୍ତିଙ୍କୁ ୩ବର୍ଷ ପର୍ଯ୍ୟନ୍ତ ଜେଲ୍ ସହ ଜୋରିମାନାରେ ଦଣ୍ଡିତ କରାଯିବ । ସେହିବର୍ଷ ଫୌଜଦାରୀ କାର୍ଯ୍ୟବିଧି ସଂହିତା-୧୯୭୩ରେ ଏକ ଅନୁରୂପ ସଂଶୋଧନ ଅଣାଯାଇ ଏହାର ଦଫା ୧୭୪ ଓ ୧୭୬ ଅଧୀନରେ ନୂଆ ପ୍ରାବ୍ଧାନ ଖଞ୍ଜାଯାଇ କୁହାଗଲା ଯେ, ବିବାହର ସାତବର୍ଷ ଭିତରେ ଯଦି ଜଣେ ମହିଳା ଆତ୍ମହତ୍ୟା କରନ୍ତି ବା ଅସ୍ୱାଭାବିକ କାରଣରୁ ତାଙ୍କର ମୃତ୍ୟୁ ଘଟିଛି ବୋଲି ସନ୍ଦେହ କରାଯାଏ, ତେବେ ଏହାକୁ ଏକ ଅପରାଧ ବୋଲି ଧରିନେଇ ଯଥାକ୍ରମେ ସଂପୃକ୍ତ ପୋଲିସ୍ ଅଫିସର୍ ଏବଂ ମାଜିଷ୍ଟ୍ରେଟ୍ ସେହି ମାମଲାକୁ ତଦନ୍ତ କରିବେ । ଏହାପରେ ୧୯୮୬ରେ ଦଣ୍ଡ ସଂହିତାର ପୁଣି ଏକ ସଂଶୋଧନ କରାଯାଇ ଦଫା ୩୦୪-ବି ଯୋଡାଗଲା ଓ କୁହାଗଲା ଯେ, ବିବାହର ୭ବର୍ଷ ଭିତରେ ଯଦି ଜଣେ ମହିଳାଙ୍କର ଅସ୍ୱାଭାବିକ ମୃତ୍ୟୁ ଘଟେ, ତେବେ ଏହାକୁ ଯୌତୁକ ମୃତ୍ୟୁ ବୋଲି ଧରିନିଆଯିବ ଏବଂ ଅପରାଧୀଙ୍କୁ ଅନ୍ୟୁନ ୭ବର୍ଷ ଏବଂ ସର୍ବାଧିକ ଆଜୀବନ ଜେଲ୍ଦଣ୍ଡ ମିଳିବ । ଏହାଛଡା ଯୌତୁକ ନିରୋଧ ଆଇନ୍ ୧୯୬୧କୁ ୧୯୮୪ ଓ ପୁଣି ୧୯୮୬ରେ ଯଥାକ୍ରମେ ଦୁଇଥର ସଂଶୋଧନ କରାଯାଇ ଅନୁରୂପ ବ୍ୟବସ୍ଥାମାନ ଖଞ୍ଜାଗଲା । ଭାରତୀୟ ସାକ୍ଷ୍ୟ-ପ୍ରମାଣ ଆଇନ୍ ୧୮୭୨କୁ ୧୯୮୩ ଓ ପୁଣି ୧୯୮୬ରେ ସଂଶୋଧନ କରାଯାଇ ଏଥିରେ ଯଥାକ୍ରମେ ଦଫା ୧୧୩ –ଏ ଏବଂ ଦଫା ୧୧୩-ବି ଯୋଡାଗଲା ଏବଂ କୁହାଗଲା ଯେ, ବିବାହର ୭ ବର୍ଷ ଭିତରେ ଯଦି ଜଣେ ମହିଳାଙ୍କର ମୃତ୍ୟୁ ଘଟିଛି, ତେବେ ତାଙ୍କର ସ୍ୱାମୀଙ୍କ ପରିବାର ଲୋକେ ଏପ୍ରକାର ମୃତ୍ୟୁ ପାଇଁ ଦାୟୀ ରହିବେ ଏବଂ ନିଜକୁ ନିର୍ଦ୍ଦୋଷ ବୋଲି ପ୍ରମାଣ କରିବାର ବୋଝ ସେମାନଙ୍କ ଉପରେ ନ୍ୟସ୍ତ ରହିବ । କିନ୍ତୁ ଲକ୍ଷ୍ୟ କରିବାର କଥା, ଏ ସମସ୍ତ ବୈଧାନିକ ବ୍ୟବସ୍ଥା ହେଉଛି ଫୌଜଦାରୀ ଚରିତ୍ରର, ଏହା ବଳରେ ଅଭିଯୁକ୍ତକୁ ଦଣ୍ଡିତ କରାଯାଇ ପାରିବ, କିନ୍ତୁ ନିର୍ଯ୍ୟାତିତା ମହିଳା ଓ ତା'ର ପିଲାପିଲିଙ୍କର ତୁରନ୍ତ କିମ୍ବା ଦୀର୍ଘସ୍ଥାୟୀ ଆଶ୍ରୟ କି ଥଇଥାନ ସମ୍ଭବ ନୁହେଁ । ଦ୍ୱିତୀୟତଃ ଏହିସବୁ ବ୍ୟବସ୍ଥା କେବଳ ଜଣେ ବୋହୂ ଉପରେ ସ୍ୱାମୀ ଓ ସ୍ୱାମୀଙ୍କ ପରିବାର ଲୋକଙ୍କ ନିର୍ଯ୍ୟାତନା ବିରୁଦ୍ଧରେ ଦଣ୍ଡବିଧାନ ପାଇଁ ଉଦ୍ଦିଷ୍ଟ । କିନ୍ତୁ ଯେଉଁ ସ୍ଥଳେ ଜଣେ ଶାଶୁ, ଭଉଣୀ କି ବିଧବା ଝିଅ ନିର୍ଯ୍ୟାତିତ ହୁଅନ୍ତି, ତହିଁର ପ୍ରତିକାର ପାଇଁ ଉକ୍ତ ବ୍ୟବସ୍ଥାଗୁଡିକ ନିରର୍ଥକ । ତୃତୀୟତଃ ଏହିସବୁ ଫୌଜଦାରୀ ବ୍ୟବସ୍ଥାଗୁଡିକ ଭିତରେ ଉଭୟ ପକ୍ଷ ଭିତରେ ଆପୋଷ ମିଳାମିଶାର ସ୍ଥାନ ନାହିଁ । ଚତୁର୍ଥତଃ କେବଳ 'ଦଫା ୪୯୮-ଏ' ର ୧ମ ସ୍ପଷ୍ଟୀକରଣକୁ ଛାଡିଦେଲେ ଅନ୍ୟସବୁ ବ୍ୟବସ୍ଥା କେବଳ ଯୌତୁକ ନିର୍ଯ୍ୟାତନାକୁ କେନ୍ଦ୍ର କରି । ଅର୍ଥାତ୍, ଅନ୍ୟ କୌଣସି କାରଣରୁ ଜଣେ ବିବାହିତ ମହିଳା ଶାଶୁଘରେ ନିର୍ଯ୍ୟାତିତା ହେଉଥିଲେ ହେଁ, ସେ ଉଭୟ ପୋଲିସ୍ ଓ ଓକିଲଙ୍କ ପ୍ରରୋଚନାରେ ସଂପୃକ୍ତ ଘଟଣାକୁ ଟାଣି ଓଟାରି ଯୌତୁକ ନିର୍ଯ୍ୟାତନା ବୋଲି ଦର୍ଶାଇବାକୁ ବାଧ୍ୟ ହୋଇଥାନ୍ତି । ଏପରିକି 'ଦଫା ୪୯୮-ଏ' ଭିତରେ ଅନ୍ୟପ୍ରକାର ଘରୋଇ ହିଂସା ବିଷୟ ଅନ୍ତର୍ଭୁକ୍ତ ହୋଇଥିଲେ ହେଁ, ସାକ୍ଷୀପ୍ରମାଣର ସୁବିଧା ଦୃଷ୍ଟିରୁ ଉଭୟ ପୋଲିସ୍ ଓ ଓକିଲ ସେଭଳି ଘଟଣାକୁ ଯୌତୁକ ହିଂସା ବୋଲି ଦର୍ଶେଇବା ପାଇଁ ମହକିଲ୍ଙ୍କୁ ପରାମର୍ଶ ଦେଇଥାଆନ୍ତି । ଏସବୁର ଫଳ ସ୍ୱରୂପ, ନିର୍ଯ୍ୟାତିତାର ତ କୌଣସି ଉପକାର ହୋଇନି, ବରଂ ଏହି ବିଧିବିଧାନଗୁଡିକର ବହୁଳ ଅପବ୍ୟବହାର ଘଟି ବହୁ ସ୍ଥଳେ ନିର୍ଦ୍ଦୋଷ ବୃଦ୍ଧବୃଦ୍ଧା, ସ୍ୱାମୀ, ନଣନ୍ଦ, ଦେଢଶୁର, ଦିଅର ଓ ଯା' ପ୍ରଭୃତି ପରିବାରର ସଦସ୍ୟମାନେ ଅଯଥାରେ ଜେଲ୍ ଓ ଜୋରିମାନାରେ ଦଣ୍ଡିତ ହୋଇଛନ୍ତି । ଏହାଛଡା, ସମସ୍ତେ ଜାଣନ୍ତି, ଭାରତୀୟ ଦଣ୍ଡ ସଂହିତା ୧୮୬୦ର ଦଫାସମୂହ ଯଥା ୩୬୬,

୩୬୬-ଏ, ୩୬୬-ବି, ୩୭୨ ଓ ୩୭୩ରେ ମହିଳା ଓ ନାବାଳିକାଙ୍କୁ ଯୌନଶୋଷଣ ଉଦ୍ଦେଶ୍ୟରେ ଚାଲାଣ ପାଇଁ ଦଣ୍ଡବିଧାନ ଥିବା ବେଳେ ୧୯୫୬ରେ ଅନୈତିକ ଚାଲାଣ ନିଷେଧ ଆଇନ୍ ସଂସଦ ଦ୍ୱାରା ପ୍ରଣୀତ ହୋଇଥିଲା, ଯାହାର ଅନ୍ୟତମ ଉଦ୍ଦେଶ୍ୟ ହେଉଛି, ଜଣେ ମହିଳା ବା ନାବାଳିକାଙ୍କୁ ବେଶ୍ୟାବୃତ୍ତିରେ ଲଗାଇବାର କୁକାର୍ଯ୍ୟକୁ ଏକ ଦଣ୍ଡନୀୟ ଅପରାଧ ବୋଲି ବିବେଚନା କରିବା । କିନ୍ତୁ ଦେଖାଗଲା, କେତେକ ସ୍ଥଳରେ ଅପରାଧୀଙ୍କ ବିରୁଦ୍ଧରେ ଦଣ୍ଡବିଧାନ କରାଯାଇଥିଲେ ହେଁ ଚାଲାଣର ଶୀକାର ହେଉଥିବା ମହିଳା କି ନାବାଳିକାର ଆଶ୍ରୟ କି ଥଇଥାନ ପାଇଁ ଏହି ଆଇନ୍ କୌଣସି ପ୍ରକାରେ ସହାୟକ ହୋଇ ପାରିଲା ନାହିଁ । ପୁଣି ସମୟକ୍ରମେ ମାନବଚାଲାଣ ଓ ବିଶେଷ କରି ମହିଳା ଓ ନାବାଳିକାର ଚାଲାଣର ପନ୍ଥା ଓ ପଦ୍ଧତି ମଧ୍ୟ ଏକ ଜଟିଳ ରୂପ ନେଲା । ଯେଉଁସ୍ଥଳେ ଜଣେ ମହିଳା ବା ନାବାଳିକା ନିଜ ଇଚ୍ଛାରେ ଅଥବା ନିଜ ପିତାମାତା ଓ ସଂପର୍କୀୟଙ୍କ ଜରିଆରେ ବିବାହ ବା ନିଯୁକ୍ତି ଆଶାରେ ଛଦ୍ମବେଶୀ ସ୍ୱାମୀ ବା ତାଙ୍କର ସହଯୋଗୀମାନଙ୍କ ହାତମୁଠାକୁ ଚାଲିଯାଉଛି ଏବଂ ପରେ ଘଟଣାଚକ୍ରରେ ହନ୍ତସନ୍ତ ହେଉଛି,  ସେପରି ସ୍ଥଳେ ପ୍ରଚଳିତ ଆଇନ୍ ଦ୍ୱାରା ଏହାକୁ ରୋକା ଯାଇପାରୁନାହିଁ  କିମ୍ବା ନିର୍ଯ୍ୟାତିତାଙ୍କୁ ନ୍ୟାୟ ଦିଆଯାଇ ପାରୁନାହିଁ । ସୁତରାଂ ଏଭଳି ଏକ ଆଇନ୍‌ର ଆବଶ୍ୟକ ପଡିଲା, ଯଦ୍ୱାରା ପ୍ରତାରକ ଚାଲାଣକାରୀମାନେ ଦଣ୍ଡିତ ହେବା ସହିତ ଚାଲାଣର ଶୀକାର ହେଉଥିବା ମହିଳା ଓ ନାବାଳିକାମାନେ ମଧ୍ୟ କ୍ଷତିପୂରଣ ଓ ଥଇଥାନର ସୁଯୋଗ ପାଇପାରିବେ ।

**ନୂତନ ଆଇନ୍‌ର ଅନନ୍ୟ ମହତ୍ତ୍ୱ**

ପ୍ରଚଳିତ ଆଇନ୍‌ରେ ଥିବା ଏକଦେଶଦର୍ଶୀତା ସମେତ ସମସ୍ତ ପ୍ରକାର ସୀମାବଦ୍ଧତାକୁ ଅତିକ୍ରମ କରି ସମଗ୍ର ମହିଳାଜାତି ଓ ବାଳୁତ ଶ୍ରେଣୀ ପାଇଁ ଏକ ସମୟୋପଯୋଗୀ ଏବଂ ସୁସମନ୍ୱୀତ ଆଇନ୍ ପ୍ରଣୟନର ଐତିହାସିକ ଆବଶ୍ୟକତାକୁ ସବୁମନ୍ତେ ପୂରଣ କରିପାରିଛି ଘରୋଇ ହିଂସାରୁ ମହିଳାଙ୍କ ସୁରକ୍ଷା ଆଇନ୍ ୨୦୦୫ । ଏହି ଆଇନ୍ ଅନୁଯାୟୀ କେବଳ ଜଣେ ବୋହୂ ନୁହେଁ, ମା, ଅବିବାହିତ ଝିଅ, ବିଧବା, ସ୍ୱାମୀ ପରିତ୍ୟକ୍ତା ମହିଳା ଓ ପୁଅ ହେଉ ବା ଝିଅ ହେଉ ଜଣେ ନାବାଳକ ପିଲା ମଧ୍ୟ ଘରୋଇ ହିଂସାର ପ୍ରତିକାର ଲୋଡି ପାରିବେ । ଏତିକି ମନେ ରଖିବାକୁ ପଡିବ, ଜଣେ ମହିଳା ଆଉ ଜଣେ ମହିଳାଙ୍କ ବିରୁଦ୍ଧରେ ସିଧାସଳଖ ଅଭିଯୋଗ ଆଣି ପାରିବେ ନାହିଁ, କିନ୍ତୁ ସଂପୃକ୍ତ ମହିଳାଙ୍କୁ ପୁରୁଷ ଅଭିଯୁକ୍ତଙ୍କର ସହ-ଅଭିଯୁକ୍ତ ବୋଲି ଦର୍ଶାଇ ପାରିବେ । ଏହି ଆଇନ୍ ଅଧୀନରେ 'ଘରୋଇ ସଂପର୍କ'ର ସଂଜ୍ଞାକୁ ଅତ୍ୟନ୍ତ ବ୍ୟାପକ କରିଦିଆଯାଇଛି, ଯାହା ଫଳରେ ରକ୍ତ-ସଂପର୍କ, ଯୌନସଂପର୍କ ଏବଂ ପୋଷ୍ୟତା-ଭିତ୍ତିକ ସଂପର୍କର ଆଧାରରେ ଯେ କୌଣସି ମହିଳା ବା ବା ପିଲା ପାଇଁ ଘରୋଇ ହିଂସାର ପ୍ରତିକାର ସକାଶେ ଅଭିଯୋଗ ଅଣାଯାଇ ପାରିବ । ଏପରିକି ପ୍ରେମ-ସଂପର୍କ ବା ଚାଲାଣର ପରିଣାମ ସ୍ୱରୂପ ଯଦି ଜଣେ ମହିଳା ବା ନାବାଳିକା ଅନ୍ତସତ୍ତ୍ୱା ଅବସ୍ଥାରେ ବା ଅବିବାହିତ ମାତାରେ ପରିଣତ ହୋଇ ପରିତ୍ୟକ୍ତା ବା ନିର୍ଯ୍ୟାତିତା ହୋଇଥାନ୍ତି, ସେ ମଧ୍ୟ ପ୍ରତିକାର ଲୋଡିପାରିବେ । 'ଘରୋଇ ହିଂସା'ର ସଂଜ୍ଞା ମଧ୍ୟ ଅତ୍ୟନ୍ତ ବ୍ୟାପକ କରିଦିଆଯାଇଛି । ଏଥିରେ କେବଳ ଶାରିରୀକ, ଯୌନଗତ ବା ଆର୍ଥିକ ଧରଣର ନିର୍ଯ୍ୟାତନା ନୁହେଁ, ବାଚନିକ ଓ ଆବେଗଗତ ଦୁର୍ବ୍ୟବହାର ମଧ୍ୟ ଅନ୍ତର୍ଭୁକ୍ତ । ଏହି ନୂତନ ଆଇନ୍ ଅନୁଯାୟୀ ଜଣେ ନିର୍ଯ୍ୟାତିତା ମହିଳା ନିଜେ ବା ତାଙ୍କ ତରଫରୁ ଯେ କୌଣସି ବ୍ୟକ୍ତି ସଂପୃକ୍ତ ସୁରକ୍ଷା ଅଧିକାରୀ, ପୋଲିସ୍ ଅଧିକାରୀ, ସେବା-ପ୍ରବନ୍ଧକ ଓ ଏପରିକି ସିଧାସଳଖ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ଗୋଟିଏ ଘରୋଇ ଘଟଣା ବିବରଣ ଦାଖଲ କରିପାରିବେ । ଅଭିଯୋକ୍ତା ମୌଖିକ ଭାବେ ଏହି ବିବରଣ ପ୍ରଦାନ କରିବା ହିଁ ଯଥେଷ୍ଟ ଏବଂ ଏହାକୁ ଲିଖିତ ରୂପ ଦେବାର ଦାୟିତ୍ୱ ହେଉଛି ଏହି କର୍ତ୍ତୃପକ୍ଷମାନଙ୍କର । ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ ମାଜିଷ୍ଟ୍ରେଟ୍ ଏହି ବିବରଣ ପାଇବାର ତିନିଦିନ ଭିତରେ କେଶ୍‌ର ୧ମ ଶୁଣାଣି କରିବେ ଓ ୩୦ଦିନ ଭିତରେ ଫଇସଲା କରିବେ । ଏଭଳି ସମୟବଦ୍ଧ ଫଇସଲା ବ୍ୟବସ୍ଥା ଅନ୍ୟ କୌଣସି ଆଇନ୍‌ରେ ନଥିଲା । ପ୍ରଚଳିତ ବ୍ୟବସ୍ଥାରେ ଫୌଜଦାରୀ ଓ ଦେଓ୍ୱାନି ପ୍ରତିକାର ପାଇଁ ଜଣେ ବ୍ୟଥିତ ବ୍ୟକ୍ତିଙ୍କୁ ଅଲଗା ଅଲଗା ରୀତିରେ ଅଲଗା ଅଲଗା କୋର୍ଟରେ କେଶ୍ କରିବାକୁ ପଡୁଥିବା ବେଳେ ନୂତନ ଆଇନ୍ ଅନୁଯାୟୀ ସେ ଉଭୟ ଧରଣର ପ୍ରତିକାର ଉପରୋକ୍ତ ମାଜିଷ୍ଟ୍ରେଟ୍‌ଙ୍କ ପାଖରୁ ହାସଲ କରିପାରିବେ । ମାଜିଷ୍ଟ୍ରେଟ୍ ଶୁଣାଣି କରି ବା ଶୁଣାଣି ନକରି ଯେଉଁ ଅନ୍ତର୍ବର୍ତ୍ତୀ ବା ଚୂଡାନ୍ତ ରାୟ ଘୋଷଣା କରିବେ, ତା' ଭିତରେ ନିର୍ଯ୍ୟାତିତା ମହିଳା ଓ ତାଙ୍କ ପିଲାପିଲିଙ୍କ ସାମୟିକ ଏବଂ ସ୍ଥାୟୀ ଥଇଥାନର ସମସ୍ତ ଦିଗ ଅନ୍ତର୍ଭୁକ୍ତ ରହିପାରେ, ଯଥା, ଆଶ୍ରୟ, ସ୍ୱାସ୍ଥ୍ୟ, ଶିକ୍ଷା, ନିରାପତ୍ତା ଓ ସାମାଜିକ ମର୍ଯ୍ୟାଦା । ମାଜିଷ୍ଟ୍ରେଟ୍‌ଙ୍କ ରାୟରେ ଅଭିଯୋକ୍ତା ଅସନ୍ତୁଷ୍ଟ ହେଲେ ସେ ତିରିଶ ଦିନ ଭିତରେ ଜିଲ୍ଲା ଜଜ୍‌ଙ୍କ ନିକଟରେ ତାହା ବିରୁଦ୍ଧରେ ଆବେଦନ କରିପାରିବେ । ମାଜିଷ୍ଟ୍ରେଟ୍ ଯଦି ହୃଦ୍‌ବୋଧ କରନ୍ତି ତେବେ ସେ ପ୍ରଥମେ କଲ୍ୟାଣ ବିଶେଷଜ୍ଞଙ୍କ ଦ୍ୱାରା ଉଭୟ ପକ୍ଷଙ୍କୁ ପରାମର୍ଶ ପ୍ରଦାନ ଜରିଆରେ ଆପୋଷ ବୁଝାମଣା ପାଇଁ ଚେଷ୍ଟା କରିପାରିବେ, ଏବଂ ତାହା ଯଦି ସଫଳ ନହୁଏ ତେବେ ସଂପୃକ୍ତ ମହିଳା ଓ ତାଙ୍କ ପିଲାଙ୍କ ସ୍ୱାର୍ଥ ଦୃଷ୍ଟିରୁ ଉପଯୁକ୍ତ ନିଷ୍ପତ୍ତି ଘୋଷଣା କରିବେ । ଏଠାରେ ଉଲ୍ଲେଖନୀୟ ଯେ, ପ୍ରଚଳିତ ଫୌଜଦାରୀ  ଆଇନ୍‌ରେ ଅଭିଯୋକ୍ତାଙ୍କ ଅଭିଯୋଗକୁ ଭିତ୍ତି କରି ଅଭିଯୁକ୍ତଙ୍କ ବିରୁଦ୍ଧରେ ଯେପରି ଏକତରଫା ପୋଲିସ୍ କାର୍ଯ୍ୟାନୁଷ୍ଠାନର ପ୍ରାବ୍‌ଧାନ ରହିଛି ଏବଂ ଯାହାର କି ବହୁଳ ଅପପ୍ରୟୋଗ ଘଟିଚାଲିଛି, ତାହା ନୂତନ ଆଇନ୍ ଅଧୀନରେ ସମ୍ଭବ ନୁହେଁ, କାରଣ ମାଜିଷ୍ଟ୍ରେଟ୍ ସାଧାରଣତଃ ଉଭୟ ପକ୍ଷକୁ ଶୁଣାଣି କରି କୌଣସି ଏକ ଫୌଜଦାରୀ ବା ଦେଓ୍ୱାନି ନିଷ୍ପତ୍ତି ଶୁଣାଇବାର ପ୍ରାବ୍‌ଧାନ ରହିଛି । ଏହି ଆଇନ୍‌ର ଆଉ ଏକ ବଡ ବିଶେଷତ୍ୱ ହେଲା ଏହାର ଦଣ୍ଡବିଧାନ ବ୍ୟବସ୍ଥା ।   ଯେମିତି ଗୋଟିଏ ପକ୍ଷରେ ମାଜିଷ୍ଟ୍ରେଟ୍‌ଙ୍କ ରାୟକୁ ଅବଜ୍ଞା କରିଥିବା ଆସାମୀଙ୍କୁ ୧ବର୍ଷ ପର୍ଯ୍ୟନ୍ତ ଜେଲ୍ ଓ ୨୦ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନାରେ ଦଣ୍ଡିତ କରାଯାଇ ପାରିବ, ସେମିତି ଅନ୍ୟ ପକ୍ଷରେ ସୁରକ୍ଷା ଅଧିକାରୀ ଯଦି ତାଙ୍କର କର୍ତ୍ତବ୍ୟ ସମ୍ପାଦନରେ ଅବହେଳା କରନ୍ତି, ତେବେ ତାଙ୍କ ବିରୁଦ୍ଧରେ ମଧ୍ୟ ସମାନ ଧରଣର ଦଣ୍ଡବିଧାନ କରାଯାଇପାରିବ ।

**ଓଡିଶା ସରକାର ନିଷ୍କ୍ରୀୟ କାହିଁକି  ?**

ଘରୋଇ ହିଂସା କବଳରୁ ମହିଳା ଓ ବାଳୁତଙ୍କ ସୁରକ୍ଷା ପାଇଁ ଜାତୀୟ ସ୍ତରରେ ଏତେ ସୁନ୍ଦର ଆଇନ୍ ତିଆରି ହୋଇଥିଲେ ହେଁ, ଆମ ରାଜ୍ୟ ସରକାର କେବଳ ମାର୍ଚ୍ଚ ଓ ମେ ମାସ ୨୦୦୭ରେ ମହିଳା ଓ ଶିଶୁ ବିକାଶ ବିଭାଗ ତରଫରୁ ଯଥାକ୍ରମେ ସୁରକ୍ଷା ଅଧିକାରୀ ଓ ସେବା-ପ୍ରବନ୍ଧକ ନିଯୁକ୍ତି ସମ୍ବନ୍ଧରେ ଦୁଇଟି ବିଜ୍ଞପ୍ତି ଜାରି କରି ଚୁପ୍‌ଚାପ୍ ବସିଛନ୍ତି । କୌଣସି ଗଣମାଧ୍ୟମରେ ଏହି ବିଜ୍ଞପ୍ତି ଦ୍ୱୟ ପ୍ରସାରିତ ହୋଇନଥିବାରୁ ସାଧାରଣ ଲୋକେ ସେ ବିଷୟରେ କିଛି ଜାଣିନାହାନ୍ତି । କୌଣସି ସୁରକ୍ଷା ଅଧିକାରୀ, ସେବା-ପ୍ରବନ୍ଧକ କିମ୍ବା ଥାନାର ଦପ୍ତର ସାମାନରେ ଗୋଟିଏ ସୂଚନା ଫଳକ ମଧ୍ୟ ଲଗାହୋଇନି । ଲୋକେ ସେମାନଙ୍କ ଅବସ୍ଥିତି ଜାଣିଲେ ସିନା ନିଜର ଅଭିଯୋଗ ଦାଖଲ କରିପାରିବେ  ! ଏହି ଆଇନ୍‌ର କାର୍ଯ୍ୟକାରିତା ପାଇଁ ଉତ୍ତରଦାୟୀ ଥିବା ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ମଧ୍ୟ ନିଜ ଓ୍ୱେବ୍‌ସାଇଟ୍‌ରେ ଏ ବିଷୟରେ କୌଣସି ସୂଚନା ସ୍ଥାନିତ କରିନାହାନ୍ତି । ରାଜ୍ୟସରକାରଙ୍କ ଏତାଦୃଶ ଉପେକ୍ଷା ଓ ନିସ୍ପୃହତା ଫଳରେ ଓଡିଶାରେ ଘରୋଇ ହିଂସା କ୍ଷେତ୍ରରେ ଅତୀତର ବିଭ୍ରାଟମାନ ଘଟିଚାଲିଛି । ଅର୍ଥାତ୍ ଅନ୍ୟ ବିଭିନ୍ନ କାରଣରୁ ଘରୋଇ ହିଂସା ଘଟୁଥିଲେ ହେଁ ଲୋକେ ଆଗଭଳି ପୋଲିସ୍ ଓ ଓକିଲଙ୍କ ପ୍ରରୋଚନାରେ ତାହାକୁ ଯୌତୁକ ଅପରାଧ ବୋଲି ଦର୍ଶାଇବାକୁ ବାଧ୍ୟ ହେଉଛନ୍ତି, ଏବଂ ଅନ୍ୟ ପକ୍ଷରେ ଘରୋଇ ହିଂସାର ଶୀକାର ହେଉଥିବା ଅସଂଖ୍ୟ ମହିଳା ଓ ପିଲାଏ  ନୂତନ ଆଇନ୍‌ରେ ସେମାନଙ୍କ ପାଇଁ ରହିଥିବା ତୁରନ୍ତ ଓ ଦୀର୍ଘସ୍ଥାୟୀ ଥଇଥାନ ସମେତ ସମୟବଦ୍ଧ ପ୍ରତିକାର ସୁବିଧାରୁ ବଞ୍ଚିତ ହୋଇଚାଲିଛନ୍ତି । ଏହି ପରିସ୍ଥିତିରେ ନୂତନ ଆଇନ୍‌କୁ ଓଡିଶାରେ ଯଥାର୍ଥ ଭାବେ କାର୍ଯ୍ୟକାରୀ କରିବା ପାଇଁ ସରକାରଙ୍କ ଉପରେ ବଳିଷ୍ଠ ଚାପ ସୃଷ୍ଟି କରିବା ପାଇଁ ମହିଳା ଓ ସ୍ୱେଚ୍ଛାସେବୀ ସଂଗଠନମାନେ ଆଗେଇ ଆସିବେ କି ?

Chitta Behera, 4A Jubilee Tower, Choudhury Bazar, Cuttack-9, chittabehera1@yahoo.co.in, Ph- 9437577546, 19th Aug. 2008